M06/1/A1ORI/SP1/ORI/TZ0/XX
22060523

**ORIYA A1 – STANDARD LEVEL – PAPER 1**
**ORIYA A1 – NIVEAU MOYEN – ÉPREUVE 1**
**ORIYA A1 – NIVEL MEDIO – PRUEBA 1**

Monday 22 May 2006 (morning)
Lundi 22 mai 2006 (matin)
Lunes 22 de mayo de 2006 (mañana)

1 hour 30 minutes / 1 heure 30 minutes / 1 hora 30 minutos

---

INSTRUCTIONS TO CANDIDATES

- Do not open this examination paper until instructed to do so.
- Write a commentary on one passage only. It is not compulsory for you to respond directly to the guiding questions provided. However, you may use them if you wish.

INSTRUCTIONS DESTINÉES AUX CANDIDATS

- N'ouvrez pas cette épreuve avant d'y être autorisé(e).
- Rédigez un commentaire sur un seul des passages. Le commentaire ne doit pas nécessairement répondre aux questions d'orientation fournies. Vous pouvez toutefois les utiliser si vous le désirez.

INSTRUCCIONES PARA LOS ALUMNOS

- No abra esta prueba hasta que se lo autoricen.
- Escriba un comentario sobre un solo fragmento. No es obligatorio responder directamente a las preguntas que se ofrecen a modo de guía. Sin embargo, puede usarlas si lo desea.

**ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ ।**

୧. (କ)

ଏହି ପରିଦୃଶ୍ୟମାନ ଜଗତ ଗୋଟିଏ ମହାଚିତ୍ର ଏବଂ ଅନନ୍ତଜ୍ଞାନମୟ ପରମେଶ୍ୱର ସେହି ମହାଚିତ୍ରର ଅଲୌକିକ ଚିତ୍ରକର । ଏହି ମନୋହାରିଣୀ ବୈଚିତ୍ର୍ୟମୟ ସୃଷ୍ଟି ଗୋଟିଏ ମହାକାବ୍ୟ ଏବଂ ଅନାଦିଭୂମା ମହାନ୍ ପରମେଶ୍ୱର ତାହାର ଆଦି ମହାକବି । ଏହି ମହାଚିତ୍ରରେ - ଏହି ଅତୁଲ୍ୟ କାବ୍ୟରେ କେମନ୍ତ କଳ୍ପନା, ବିନୋଦ ବୈଚିତ୍ର୍ୟ, କେମନ୍ତ ଦିଗନ୍ତପ୍ରସାରୀ ମହିମାଛଟା, କେମନ୍ତ ଅମୃତମୟ ଅନିର୍ବଚନୀୟ ଶୋଭା ପରିସ୍ଫୁଟିତ ହୋଇଅଛି । ଆକାଶ, ସାଗର, କାନନ, ପର୍ବତ, ଗ୍ରହ, ନକ୍ଷତ୍ର, ପ୍ରାଣୀମଣ୍ଡଳୀ, ନରନାରୀସମାଜ ସମୁଦାୟ ସୌନ୍ଦର୍ଯ୍ୟପୂର୍ଣ୍ଣ ଏବଂ ଚିତ୍ତବିମୋହନ ପ୍ରେମାଲୋକ ଦ୍ୱାରା ବିଭୂଷିତ ଅଟେ । କି ଅଚିନ୍ତ୍ୟ କୌଶଳରେ ଆଲୋକ ଏବଂ ଛାୟାର ଯଥାଯୋଗ୍ୟ ବିନ୍ୟାସ ସହିତ ସେ ଆଦିଚିତ୍ରକର ଏବଂ ଆଦିକବି ଏହି ଜଗତଚିତ୍ରକୁ ରଞ୍ଜିତ କରିଅଛନ୍ତି । ଛାୟା ସଙ୍ଗରେ ଆଲୋକର ମିଳନ ଆହାକି ନୟନ ବିନୋଦର ମନୋହର ଏବଂ କୌଶଳପୂର୍ଣ୍ଣ କାର୍ଯ୍ୟ । ସଂସାରରେ ଏପରି କିଏ ଅଛି ଯେ ଜଗତଚିତ୍ରରେ ଏହି ଅଲୌକିକ କୌଶଳ ଅବଲୋକନ କରି ଅଳ୍ପାଧିକ ପରିମାଣରେ ମୋହିତ ହୋଇନାହିଁ ? ଆଲୋକପୂର୍ଣ୍ଣ ଦିବସ ସହିତ ଅନ୍ଧକାରମୟୀ ଶର୍ବରୀର ଉଷାକାଳୀନ ଓ ଗୋଧୂଳିକାଳୀନ ସମାଗମ ଛାୟାମୟ ମେଘପଟଳରେ ଜ୍ୟୋତିର୍ମୟୀ ଚପଳାର ହାସ୍ୟ, ସ୍ନିଗ୍‌ଧ ନିର୍ମଳ ଜ୍ୟୋସ୍ନା ସହିତ କାନନ ଛାୟାର ସମ୍ମିଶ୍ରଣ ଏହି ଦୃଶ୍ୟମାନ କେଉଁ ହୃଦୟବନ୍ତ ଲୋକର ମନକୁ ମୁଗ୍‌ଧ କରେ ନାହିଁ? ଜୀବଜଗତରେ ମଧ୍ୟ ଏହି ଛାୟାଲୋକ ସମାଗମର ମାଧୁରୀ ପରିଲକ୍ଷିତ ହୁଏ । ଜୀବନର ସୁଖଦୁଃଖ, ଆନନ୍ଦବିଷାଦ, ପ୍ରେମ ବିରହ, ସାତ୍ତ୍ୱିକ ଓ ତାମସିକ ଭାବ, ବିଷୟମୋହ ଓ ବୈରାଗ୍ୟ, ଆଶା ଏବଂ ନୈରାଶ୍ୟ ପ୍ରଭୃତିର ସମ୍ମିଳନରେ ମାନବ ସଂସାର କିପରି ବିଚିତ୍ର ଏବଂ କମନୀୟ ଛବି ଧାରଣ କରିଅଛି । ବାସ୍ତବରେ ସୃଷ୍ଟିକର୍ତ୍ତା ଆଦିକବି ଏବଂ ପୂର୍ଣ୍ଣକବି, ଆଦି ଚିତ୍ରକର ଏବଂ ପୂର୍ଣ୍ଣ ଚିତ୍ରକର । ବିଧାତା ମନୁଷ୍ୟ ହୃଦୟରେ ଶୋଭାନୁଭାବିକା କଳ୍ପନାବୃତ୍ତି ନିହିତ କରି ତାହାକୁ କବି ଏବଂ ଚିତ୍ରକର ହେବାର ସାମର୍ଥ୍ୟ ପ୍ରଦାନ କରିଅଛନ୍ତି । ଯେଉଁ ମନୁଷ୍ୟ ଯେଉଁ ପରିମାଣରେ ସୃଷ୍ଟିନିହିତ ଶୋଭାର ନିଗୁଢତତ୍ତ୍ୱ ଏବଂ କୌଶଳ ଆୟତ୍ତ କରିଅଛି, ସେ ସେହି ପରିମାଣରେ କବି ଏବଂ ଚିତ୍ରକର ଅଟେ ।

ବାଲ୍ମୀକି, ହୋମର, ବ୍ୟାସ, ଭର୍ଜିଲ, କାଳିଦାସ, ସେକ୍ସପିୟର, ଭବଭୂତି, ମିଲଟନ

ପ୍ରଭୃତି ଜଗତପୂଜ୍ୟ କବିମାନଙ୍କର ଗ୍ରନ୍ଥ ପାଠ କରି ଆମ୍ଭେମାନେ କାହିଁକି ଏତେ ନିର୍ମଳ ଆନନ୍ଦ ଅନୁଭବ କରୁଁ ?  ସେହି କବିମାନେ ଆଦିକବି ସୃଷ୍ଟିକର୍ତ୍ତାଙ୍କର ପ୍ରକୃତ ଅନୁକାରୀ । ସେମାନଙ୍କ କାବ୍ୟରେ ନିସର୍ଗାନୁସରଣ, ଛାୟାଲୋକର କୌଶଳପୂର୍ଣ୍ଣ ସନ୍ନିବେଶ, କମନୀୟ ବୈଚିତ୍ର୍ୟର ସମାବେଶ ଆମ୍ଭମାନଙ୍କ ହୃଦୟକୁ ମୋହିତ କରେ । ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଏବଂ ବନବାସ, ସୀତାଙ୍କର ଉଦ୍ଧାର ଏବଂ ନିର୍ବାସନ, ଶକୁନ୍ତଳାଙ୍କର ବିବାହ ଏବଂ ପରିତ୍ୟାଗ, ଓଥେଲୋଙ୍କ ସଙ୍ଗେ ଡେଶ୍‌ଡ଼ିମୋନଙ୍କର ପ୍ରଣୟାନନ୍ଦ ଏବଂ ଶଠ ଇୟାଗୋ ପ୍ରଣୋଦିତ ଓଥେଲୋଙ୍କ ଅବିଶ୍ୱାସ - ଏହିସବୁ ଜୀବନଚିତ୍ର ଅତି ବିଚିତ୍ର କୌଶଳ ସହକାରେ ଚିତ୍ରିତ । ସୁତରାଂ ସେମାନଙ୍କ ମାଧୁରୀ ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଏବଂ ମନୋହାରୀ । ଧନ୍ୟ ସେହି କବି, ଯେ ଏହି ପ୍ରକାର ନିପୁଣଚିତ୍ର ଅଙ୍କିତ କରି ନରନାରୀର ହୃଦୟକୁ ଉଦାର ସୌନ୍ଦର୍ଯ୍ୟ ରସରେ ଅଭିଷିକ୍ତ କରନ୍ତି । ଧନ୍ୟ ତାଙ୍କର ଜୀବନ, ଧନ୍ୟ ତାଙ୍କର ଅମୃତମୟୀ ଲେଖନୀ ।

**ମଧୁସୂଦନ ରାଓ (କବିର କୌଶଳ)**

**ପ୍ରକାଶିତ - 'ସେବକ ଓ ସଂସାର' ପତ୍ରିକା, ୧୮୮୫ ମସିହା**

– 'କବିର କୌଶଳ' ପ୍ରବନ୍ଧରେ ପ୍ରାବନ୍ଧିକ ମଧୁସୂଦନ ରାଓଙ୍କ କାବ୍ୟିକ ଭାଷା ପ୍ରୟୋଗର ଯଥାର୍ଥତା ସମ୍ପର୍କରେ ଅବଗତ କର ।

– ପରମେଶ୍ୱରଙ୍କୁ ମହାକବି ଓ ମହାଚିତ୍ରକର କହିବାର ହେତୁ ନିରୂପଣ କର ।

– 'ଉଭୟ କବି ତଥା ଜଗତସ୍ରଷ୍ଟାଙ୍କର ସୃଷ୍ଟି ସୁନ୍ଦର' -ଏ ଉକ୍ତିର ତାତ୍ପର୍ଯ୍ୟ ପ୍ରତିପାଦନ କର ।

**ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ ।**

୧. (ଖ)

## ଗ୍ରୀଷ୍ମ

ବୈଶାଖ ମାସରେ ପଣା ସଙ୍କରାନ୍ତି ହୁଅଇ ପଣା ଛତୁଆ,
କାଠ-ଗୋଡ଼ ପିନ୍ଧି ମଙ୍ଗଳା ମୁଣ୍ଡାଇ ନାଚନ୍ତି ଘଣ୍ଟପାଟୁଆ ।
ଏହି ମାସେ ହୁଏ ଚନ୍ଦନ ଯାତରା ନାବକେଳି ଏହିମାସେ,
ନାବକେଳି କରି ଯୁବକେ ମଉଜ କରୁଥାନ୍ତି କ୍ରୀଡ଼ା ହାସେ ।
ରଣିଫୁଲ ପରି ପଡ଼ିଥାଏ ଜହ୍ନ ପଦା ପାହାଭାଗେ ବସି
ପଲ୍ଲୀ-ସୀମନ୍ତିନୀ ଚାନ୍ଦିନୀ ରାତିରେ କରନ୍ତି ଆଳାପ ହସି ।
ବୃଦ୍ଧା ପିତାମହୀ କୋଳେ ଘେନି ଶିଶୁ ଜହ୍ନମାମୁଁକୁ ଡାକନ୍ତି
ଶିଶୁକୁ ଶୁଣାଇ ଗୀତ ଶୁଣିବାକୁ ଆନକୁ ମନା କରନ୍ତି ।
"କେଣେ ଭାସିଯାଉ ଆରେ ଜହ୍ନମାମୁଁ ? ମୋ ଧନ ଘରକୁ ଆ ଆ,
ପାଟଲୁଗା ପିନ୍ଧି ମୋ ଧନ ସଙ୍ଗତେ ଖିରୀ ପିଠା ଖାଇ ଯାଆ ।"
କଳାବତୀ-କନ୍ୟା, ଅସୁରୁଣୀ ବୁଡୀ-କୁମ୍ଭୀର-ଗହୀର-ଗାତ,
ରଜା-ମନ୍ତ୍ରୀ-ସାହୁ-କଟୁଆଳ-ପୁଅ ଅଭିନ୍ନ ଚାରି ସଙ୍ଗାତ ।
ବଡ଼ ରାଣୀ, ସାନରାଣୀ, ସାତ ଯାଆ ସବା ସାନ ଭୁଆସୁଣୀ,
ସୁନାନାକୀ ଝିଅ, ଅଥପା ମଣ୍ଡପ, ଅମୂଲ୍ୟ ପରଶ ମଣି
କେତେ କେତେ କଥା ଅଦ୍ଭୁତ ବିଚିତ୍ର କାହିଁ ବୃଦ୍ଧାଗଣ କହି
ହସାନ୍ତି ଡରାନ୍ତି ଶିଶୁଙ୍କୁ; ଉଠଇ କୋଳାହଳ ରହି ରହି ।
ବୈଶାଖ ମାସର ପାଟ ତଇଳାରେ ହୁଏ ଡାଲୁଅ ଫସଲ,
ଗହୀର ପାଟରେ ଖାଲ ହଂସୁଆରେ ଫଳେ ପରା ଧାନ ଭଲ ।
ଦୋ ଫସଲି ଜମି ଚଷିଣ କୃଷକେ ବୁଜୁଥାନ୍ତି କଣ୍ଟାବାଡ଼େ,
କରିଥାନ୍ତି କପା, ଫୁଟି, ତରଭୁଜ ପାଳ ଜମି ନଇ ଦାଡେ ।

କୁଡ଼ିଆ ମାରିଣ କପା କିଆରିରେ ପୋତି କୁଟା-ଜଗୁଆଳ
ରାତ୍ରରେ ଜଗଇ ନିଜେ ଚଷାପୁଅ ଦିନରେ କୃଷକ ବାଳ ।
ଗହୀର ପାଟରେ ମନ ଆନନ୍ଦରେ ଗାଆନ୍ତି ହଳିଆ ଗୀତ,
ନିର୍ଜନ ନିଶୀଥ - ମୃଦୁ ବାତ ତାହା ବହିଣ ହରଇ ଚିତ୍ତ
ନିସ୍ତବ୍ଧ ନିଶୀଥ ନିର୍ମଳ ଜ୍ୟୋସ୍ନାରେ ଶୁଭଇ ଦୂର କୁହାଟ,
ଶଗଡ଼ିଆମାନେ ସାତ ପାଞ୍ଚମିଳି ରାତ୍ରେ ଚାଲୁଥାନ୍ତି ବାଟ ।
ଟାକରା ଫୁଟାଇ ବଳଦ ଅଡ଼ାଇ ନିଠେଇ ନିଠେଇ ଗୀତ,
ରାମାୟଣ ଅବା ମହାଭାରତରୁ ଗାଇଣ ହରନ୍ତି ଚିତ୍ତ ।
ପାଳେ ଧୂଆଁପତ୍ର, ପାଳବାଇଗଣ, ଲଙ୍କାମରିଚ, କଖାରୁ
ବାଡ଼ିରେ କୋଶଲା, ଡିହ ବାଇଗଣ, ପିଡ଼ଙ୍ଗ, ତେଲିଆ ସାରୁ ।
ଏମାନ ଅମଳ କରିଣ କୃଷକ ନେଇଣ ହାଟେ ବିକଇ,
ନ ଖାଇ ନ ପିଇ ଅତି କଷଣରେ ବିକି କଉଡ଼ି ସଞ୍ଚଇ ।

**କବି ନନ୍ଦକିଶୋର ବଳ (ପ୍ରଦତ୍ତ କବିତାଟି 'ପଲ୍ଲୀଚିତ୍ର' କବିତାରୁ ଆନୀତ)**
**ସଂକଳନ ୧୯୧୦**

– କବି ' ଗ୍ରୀଷ୍ମ ' କବିତାରେ ସ୍ୱଇଚ୍ଛାରେ ଗ୍ରାମ୍ୟ ଜୀବନକୁ ବର୍ଣ୍ଣନା କରିବା ପାଇଁ ସାଧାରଣ କଥିତ ଭାଷାର ଅବଲମ୍ବନ କରିଛନ୍ତି । ଏଭଳି ଭାଷାର ପ୍ରୟୋଗ କେତେ ଦୂର ଯଥାର୍ଥ, ତା ଉପରେ ନିଜର ମତ ପୋଷଣ କର ।

– ' ଗ୍ରୀଷ୍ମ ' କବିତାରେ ଗ୍ରୀଷ୍ମ ବର୍ଣ୍ଣନା ମାଧ୍ୟମରେ କବି କିପରି ଗ୍ରାମ୍ୟ ଜୀବନର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି ?

– ' ଗ୍ରୀଷ୍ମ ' କବିତା ଅବଲମ୍ବନରେ ଗ୍ରାମ୍ୟ ସମାଜରେ ପ୍ରଚଳିତ ଲୋକଗୀତ ଓ ଲୋକରୀତି ତଥା ପର୍ବପର୍ବାଣୀ ସମ୍ପର୍କରେ ଏକ ଆଲେଖ୍ୟ ପ୍ରଦାନ କର ।

– ଗ୍ରାମ୍ୟଜୀବନକୁ ପୌରାଣିକ ଚିନ୍ତାଧାରା କିପରି ପ୍ରଭାବିତ କରେ, ଏହା ଶଂସିତ ' ଗ୍ରୀଷ୍ମ ' କବିତା ଅବଲମ୍ବନରେ ବର୍ଣ୍ଣନା କର ।